## ସଂକ୍ଷେପରେ

### କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି
#### ଓକିଲ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦୁଝର, ୧।୮(ସ୍ୱ.ପ୍ର.): କେନ୍ଦୁଝର ଜିଲାକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳା କରାଯାଉଛି। ଜିଲାରେ ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱ ବିଦ୍ୟାଳୟ ସ୍ଥାପନା ନେଇ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲା। ଜିଲାର ବହୁ ଗରିବ ଆଦିବାସୀ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷା ପାଇଁ ବାହାରକୁ ଯାଇପାରୁ ନାହାନ୍ତି। ଦୀର୍ଘ ୫୦କି.ମି. ବ୍ୟବଧାନରେ ବାରିପଦା ଓ ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ସେହିପରି କେନ୍ଦୁଝର ଜିଲାକୁ ଏଠାରୁ ପ୍ରାୟ ୨୦୦ କି.ମି. ଦୂରରେ ଅବସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନରେ ରଖାଯିବା ଫଳରେ ଜିଲାର ଆଦିବାସୀ ପିଲାଙ୍କୁ ଯିବା ଆସିବା କରିବାରେ ସମସ୍ୟା ଦେଖାଦେଇଛି। ଏଠାରେ ଏକ ଆଦିବାସୀ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଜିଲା ତଥା ପଡୋଶୀ ଜିଲା ଦେବଗଡ, ମୟୂରଭଞ୍ଜ, ସୁନ୍ଦରଗଡ଼ ତଥା ଝାଡ଼ଖଣ୍ଡ ରାଜ୍ୟର ବହୁ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ ବୋଲି ଜିଲା ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ କହିଛନ୍ତି। ଏନେଇ କେନ୍ଦୁଝର ଗସ୍ତରେ ଆସିଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଏକ ଦାବୀପତ୍ର ଦେଇ ଜିଲାରେ ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଯୁଗ୍ମ ସମ୍ପାଦକ ସୁଧିର ସାହୁ, ସଦସ୍ୟ ରଶ୍ମୀ ମହାରଣା,ଦେଶବନ୍ଧୁ ନାୟକ, ଆଇନଜୀବୀ କୈଳାଶ ନାୟକ, ମଞ୍ଜୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଷା ପାଇଁ ଠାକୁରାଣୀଙ୍କୁ ମାଜଣା କଲେ ମହିଳା

ପାଟଣା,୧।୮(ସ୍ୱ.ପ୍ର.): ଧାରା ଶ୍ରାବଣ ମାସରେ ଜମି ଫାଟି ଆଁ କରିବା ଆଉ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ ବାଧା ପ୍ରାପ୍ତ ହୋଇଥିବାରୁ ପାଟଣା ବ୍ଲକ ଟାଙ୍ଗରପଦା ପଞ୍ଚାୟତ ଭିମାପଦା ଓ ଟାଙ୍ଗରପଦା ଗ୍ରାମର ଶତାଧିକ ମହିଳା ମାନେ ବର୍ଷା ପାଇଁ ଉପାସ ରହି ପୂଜାର୍ଚ୍ଚନା କରିଛନ୍ତି। ଟାଙ୍ଗରପଦା ସ୍ଥିତ ବଡ଼ ହୁଡ଼ିରେ ମା' ଖିଲାରୀ ପାଟ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ୱତନ୍ତ୍ର ପୂଜା ସହ ମାଜଣା କରିଛନ୍ତି। ଦେହୁରୀ ପ୍ରଫୁଲ୍ଲ ଦେହୁରୀ ନୀତିକାନ୍ତିରେ ପୂଜା କରିଥିଲେ। ଏହି ବର୍ଷାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶତାଧିକ ମହିଳା ଉପବାସ ରହି ସ୍ଥାନୀୟ କାଁଝାରି ନଦୀରୁ ପାଣି ଉଠାଇ ମା' ଖିଲାରୀପାଟ ଠାକୁରାଣୀ ଙ୍କୁ ସ୍ନାନ କରାଇଥିଲେ।

### ୭୬ ୟୁନିଟ୍ ରକ୍ତ ସଂଗ୍ରହ

ଧାମନଗର, ୧।୮ (ଡି.ଏନ.ଏ.)-ବିଜେଡିର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ଯୋଜନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସାରଦା ପ୍ରସନ୍ନ ସାହୁ, ପ୍ରଦୀପ କୁମାର ମଲ୍ଲିକ, ବିଜେଡିର ଧାମନଗର ବ୍ଲକ ସଭାପତି ଉମେଶ ମହାନ୍ତି, ସରପଞ୍ଚ ମୀନା ମାଝି, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝି, ପ୍ରତାପ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୭୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ୧୩ନଂ. ଜୋନ୍‌ରେ ଖୋଲିବ ଯୁକ୍ତ ୨

ଚମ୍ପୁଆ, ୧।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଞ୍ଚାୟତର ବାଙ୍କ ଉଚ୍ଚ ବିଦ୍ୟାଳୟଠାରେ ଯୁକ୍ତ ୨ ଖୋଲିବାକୁ ପ୍ରସ୍ତାବିତ ହୋଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯୁକ୍ତ ୨ ବିଦ୍ୟାଳୟ ନ ଥିବା ଜିଲା ପରିଷଦ ଜୋନ୍ ଗୁଡିକରେ ଥିବା ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଖୋଲିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରି ରିପୋର୍ଟ ଦେବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଇଓ ନାଏକ ବାଙ୍କଠାରେ ଥିବା ୧୯୭୨ମସିହାରେ ସ୍ଥାପିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ଖୋଲିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଠିକ ଥିବା ବୋଲି ରିପୋର୍ଟ କରିଥିବା ଜଣାଯାଇଛି। ଏହି ଯୁକ୍ତ ୨ ବିଦ୍ୟାଳୟ ଖୋଲିବା ପରେ ସ୍ଥାନୀୟ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବିଇଓ ସୂଚନା ଦେବା ସହିତ ପ୍ରାଥମିକ ପର୍ଯ୍ୟାୟରେ କଳାରେ ୮୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ କରାଯିବ।

# ପୁରୁଣାରୁ ବାରିକେଡ ଖସିଲାଣି, ନୂଆର କାମ ସରୁନି

ନୀଳଗିରି, ୧।୮(ସ୍ୱ.ପ୍ର.)


ଘାଗରା ନଦୀ ଉପରେ ବଡ଼ ପୋଲ।

ସେରଗଡ଼-ନୀଳଗିରି-ଝରଣଘାଟି (ଏସ୍‌ଏନ୍‌ଜେ)୧୯ନଂ. ରାଜ୍ୟ ରାଜପଥ ଘାଗରା ନଦୀ ଉପରେ ବଡ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲରେ ପାଣି ନିଷ୍କାସନ ପାଇଁ ସୁବିଧା ନ ଥିବାରୁ ବାରିକେଡ୍ ଖସିପଡ଼ିଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ପୋଲ ରହିଥିବା ବେଳେ ଭୁଶୁଡିବାର ଆଶଙ୍କା ଦେଖାଦେଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୁରୁଣା ପୋଲର ଅବସ୍ଥା ଦିନକୁ ଦିନକୁ ବିପଦମୁଖକୁ ଠେଲି ହୋଇଯାଉଛି। ଜିଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ନୂତନ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ପୂର୍ତ୍ତ ବିଭାଗ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ବହୁ ବିଳମ୍ବରେ ଏହି ପୋଲ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗତ ୩ବର୍ଷ ହେବ ଯେଉଁ ପ୍ରକାର କାମ ଚାଲିଛି ଆଗକୁ ଆହୁରି ଦୁଇ ବର୍ଷ ଲାଗିପାରେ ବୋଲି ଲୋକେ ଆଲୋଚନା କରୁଛନ୍ତି।

ଉକ୍ତ ପୋଲ ସହ ସଂଯୋଗ ହୋଇଥିବା ରାଜ୍ୟ ରାଜପଥ ବାଲେଶ୍ୱର ଜିଲାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ରହିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାଜପଥରେ ଦୈନନ୍ଦିନ ହଜାର ହଜାର ଭାରିଯାନ ସମେତ ଦୁଇଚକିଆ ଯାନ, ସାଇକେଲ ଆରୋହୀ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି, ପଥଚାରୀମାନେ ଯାତାୟାତ କରିଥାନ୍ତି। କିଛି ଦିନ ପୂର୍ବରୁ ଏହି ରାସ୍ତା ମରାମତି ହୋଇଥିଲେ ମଧ୍ୟ ଲଗାଣ ଲଘୁଚାପ ବର୍ଷାରେ ପିଚୁ ଉଠିଯାଇ ଆଣ୍ଠୁଏ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ହେଲେ ରାସ୍ତାରେ ପାଣି ଭର୍ତ୍ତି ହୋଇଯାଉଥିବା ଗାଡିଚାଳକମାନେ ଜାଣି ନ ପାରି ପଡିଯାଇ ଗୁରୁତର ହେଉଛନ୍ତି। ଏହି ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି।

ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ବାଲେଶ୍ୱର ପୂର୍ତ୍ତ ବିଭାଗର ଏସ୍‌ଡିଓ ଦୁର୍ଗାଚରଣ ସାହୁ କହିଛନ୍ତି, ରାସ୍ତା ମରାମତି ପାଇଁ ଯୋଜନା କରୁଛୁ, ପୋଲ କାମ କରୁଥିବା ଠିକାଦାରଙ୍କୁ ଶୀଘ୍ର ସାରିବା ପାଇଁ ଯୋଗାଯୋଗ କରୁଛୁ।

# ମେଡ଼ିସିନ ରିପ୍ରେଜେଣ୍ଟେଟିଭ୍‌ଙ୍କ ସମସ୍ୟା ନେଇ ବୈଠକ


ବୈଠକରେ ମେଡ଼ିକାଲ ରିପ୍ରେଜେଣ୍ଟେଟିଭ୍ ୟୁନିଅନ୍ ଓ ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୧।୮

ବାଲେଶ୍ୱର ସହର ଗୋପାଳଗାଁସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପରେ ଓଡ଼ିଶା ମେଡ଼ିକାଲ ରିପ୍ରେଜେଣ୍ଟେଟିଭ ୟୁନିଅନ୍ (ଓମ୍ରୁ) ଓ ଭାରତୀୟ ମଜଦୁର ସଂଘ ମିଳିତ ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାରେ ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ଅମରେଶ ମହାପାତ୍ର ଯୋଗଦେଇ ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭ୍‌ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ ମେଡ଼ିକାଲ ରିପ୍ରେଜେଣ୍ଟେଟିଭଙ୍କର ବିଭିନ୍ନ ସମସ୍ୟାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ଆଗାମୀ ଦିନରେ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୀନ୍ଦ୍ର ମହାପାତ୍ର, ସତ୍ୟଜିତ୍ ଜେନା, ସୁଶାନ୍ତ ପରିଡ଼ା, ପ୍ରକାଶ ଚନ୍ଦ୍ର ମିଶ୍ର, ମନ୍ମୟ ଦାସ, ଅଶ୍ୱିନୀ କୁମାର ପାଠୀ, ବଂଶୀଧର ଦାସ, ସୁବାସ ସୂତାର ଓ ନଟବର ସିଂ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# 'ଅବକ୍ଷୟମୁଖୀ ସମାଜ ଓ ବୁଦ୍ଧିଜୀବୀ' ଉପରେ ଆଲୋଚନା


ସଭାରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ, ୧।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସଙ୍ଗଠନକୁ ନେଇ ଗଠିତ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ପ୍ରକାଶ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏସ୍‌ପି ବିକାଶ ଦାଶ, ମୁଖ୍ୟବକ୍ତା ଖୋର୍ଦ୍ଧାର ଅବସରପ୍ରାପ୍ତ ଏସ୍‌ପି ଦୀପ୍ତିରଞ୍ଜନ ରାୟ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ 'ଅବକ୍ଷୟମୁଖୀ ସମାଜ ଓ ବୁଦ୍ଧିଜୀବୀ' ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଖବରଦାତା ତ୍ରିଲୋଚନ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶାରଦା ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଶରତ ମହାପାତ୍ର ଅତିଥି ପରିଚୟ ଓ ଶିକ୍ଷାବିତ୍ ଡ.ପୁରୁଷୋତ୍ତମ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ଭଣ୍ଡାରିପୋଖରୀ ଶାଖା, ଉତ୍କଳ କମ୍ପ୍ୟୁଟର ଏକାଡେମୀ, ମାଳଦା ମହାବୀର ସେବା ସଙ୍ଗଠନ ଓ ଉତ୍କଳ ଫାଉଣ୍ଡେଶନ ପକ୍ଷରୁ ପୁନଃ ନବନିର୍ବାଚିତ ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ଖିଲାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀ ପ୍ରୀତିସ୍ମିତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ କବି ରମେଶ ଦାସ, ମୁରଲୀଧର ଦାସ, ଖବରଦାତା ପ୍ରଦୀପ ମହାପାତ୍ର, ସନ୍ତୋଷ ଦାସ, ସୁଧାକର ଦାଶ, ତ୍ରିଲୋଚନ ଦାଶ, ଶରତ ଚନ୍ଦ୍ର ପାଢ଼ୀ, ପୀତାମ୍ବର ଦାସ, ପ୍ରୟାସ ସାହୁ, ମନୋରଞ୍ଜନ ମହାନ୍ତି, ଜିତେନ୍ଦ୍ର ଖିଲାର ପ୍ରମୁଖ ଯୋଗ ଦେଇଥିଲେ।

### ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା

ବାରିପଦା ଅଫିସ,୧।୮

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦର ୩ ନଂ.ୱାର୍ଡ ସ୍ଥିତ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କାଉନସିଲର ରାଜ ଗୁପ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜଗନ୍ନାଥ ଚକ୍ଷୁ ଫାଉଣ୍ଡେଶନ ସହଯୋଗ କରିଥିଲା। ଶିବିରରେ ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ। ଚକ୍ଷୁ ବିଶେଷଜ୍ଞ ଡା. ମଞ୍ଜୁଳା ପ୍ରଧାନ, ଜଗନ୍ନାଥ ଚକ୍ଷୁ ଫାଉଣ୍ଡେଶନ ସଂଯୋଜକ ଆଶିଷ କୁମାର ବସା, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପ୍ରଧାନଶିକ୍ଷକ ରଥିନ୍ଦ୍ର ନାଥ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ନିରିଜ ପଥାଳ, ବିଜୟଲକ୍ଷ୍ମୀ, ନୂତନ ମହାନ୍ତ, ସିକନ୍ଦର ନିଜାମି, ଆୟୁଷ୍ମାନ ସାହୁ, ଗୀତାଞ୍ଜଳି ବେହେରା, ସମୀକ୍ଷା ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜଳଙ୍ଗ-ଚଣ୍ଡିମନ୍ଦିର ରାସ୍ତା ଶିଳାନ୍ୟାସ

ଖଇରା, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଜଳଙ୍ଗ-ଗଣ୍ଡିବେଡ ଗ୍ରାମକୁ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ରବିବାର ଜଳଙ୍ଗ ଚଣ୍ଡିମନ୍ଦିର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୫ଶହ ବର୍ଷର ଚଣ୍ଡିମନ୍ଦିର ପୀଠକୁ ଯିବାକୁ ଭକ୍ତମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ନେଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଏହି ରାସ୍ତାକୁ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ରବିବାର ପୂର୍ବାହ୍ନରେ ବିଧାୟକ ପାଣିଗ୍ରାହୀ ରାସ୍ତା ଶିଳାନ୍ୟାସ କରିବା ଅବସରରେ ଆଗକୁ ଗ୍ରାମର ବିକାଶ ପାଇଁ ସେ ପ୍ରୟାସ ଜାରି ରଖିବେ। ଏଥିପାଇଁ ତାଙ୍କୁ ସହଯୋଗ ମିଳିବା ଆବଶ୍ୟକ ବୋଲି କହିଥିଲେ। ମାଣିତ୍ରୀ ସରପଞ୍ଚ ମନ୍ଦାକିନୀ ଦାସ, ସମିତିସଭ୍ୟ ନାରାୟଣ ଦାସ, ପଞ୍ଚାୟତ ବିଜେଡି ସଭାପତି ସଞ୍ଜୟ ତିଆଡି, ଚଣ୍ଡିମନ୍ଦିର ଟ୍ରଷ୍ଟ ଅଧକ୍ଷ ପ୍ରଫୁଲ୍ଲ ଦାସ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସ, ଯୁବନେତା ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ଯୁଗ୍ମ ଜନଶୁଣାଣି ଶିବିର

ଭଦ୍ରକ ଅଫିସ, ୧।୮

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ଏଥିରେ ଯୋଗଦେଇ ସମୁଦାୟ ୧୧୩ ଅଭିଯୋଗର ଶୁଣାଣି କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ମନୋଜ ପାତ୍ର ସହଯୋଗ କରିଥିଲେ। ୧୦୧ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଟ୍ରାଇସାଇକେଲ, ହୁଇଲ୍ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡ଼ି ଆଦି ଉପକରଣ ଜିଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଆଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଦିବ୍ୟାଙ୍ଗ ପ୍ରମାଣପତ୍ର, ଜବରଦଖଲ ଉଚ୍ଛେଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଲ୍ ଶିକ୍ଷକ ନିଯୁକ୍ତି ଆଦି ବିଷୟ ଅନ୍ତର୍ଭୁକ୍ତ ଥିଲା। ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ ଏବଂ ସହାୟକ ଜିଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନା ପରିଚାଳନାରେ ସହଯୋଗ କରିଥିଲେ।

### ନିଜ ଘରେ ନିଆଁ ଲଗାଇଦେଲେ ଯୁବକ

ପାଟଣା, ୧।୮(ସ୍ୱ.ପ୍ର.)

କେନ୍ଦୁଝରଜିଲା ପାଟଣା ବ୍ଲକକ୍ଷୀରେଇଟାଙ୍ଗିରି ପଞ୍ଚାୟତର ନୂଆଗାଁ ଗ୍ରାମର ପୁରନ୍ଦର ନାଏକ ନିଶାସକ୍ତ ସବସ୍ଥାରେ ରବିବାର ରାତିରେ ନିଜେ ବ୍ୟବହାର କରୁଥିବା ସ୍କୁଟି ସହ ଘରେ ନିଆଁ ଲଗାଇଦେଇଛନ୍ତି। ସ୍କୁଟି ଜଳିପୋଡି ପାଉଁଶହେବା ସହ ଟାଇଲ ଘରର ଅର୍ଦ୍ଧେକ ଅଂଶ ଜଳିଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ ଚାଉଳ ସହ ବାକ୍ସରେ ଥିବା ଟଙ୍କା ପୋଡି ପାଉଁଶ ହୋଇଯାଇଛି।

# ଜେଏମ୍‌ଏମ୍‌ର କର୍ମୀ ସମ୍ମିଳନୀ

ଖୁଣ୍ଟା,୧।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକ ଜେଏମ୍‌ଏମ୍ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ କଲେଜ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣସାହି ପଞ୍ଚାୟତର ସମିତି ସଭ୍ୟ ସୁନୀଲ କୁମାର ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥିଭାବେ ପୂର୍ବତନ ବ୍ଲକ ସଭାପତି କାମରାଜ ସୋରେନ, ପୂର୍ବତନ ସମ୍ପାଦକ ବିକ୍ରମ ମୁର୍ମୁ, ଡେଙ୍ଗାମ ସରପଞ୍ଚ ଓ ଦଳର ବରିଷ୍ଠ ସଦସ୍ୟ ଚୈତନ୍ୟ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

# ଜନଶୁଣାଣିରେ ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି କଲା କଂଗ୍ରେସ

ବସ୍ତା, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ବସ୍ତାବାସୀଙ୍କ ଦୀର୍ଘଦିନର ଦାବି ବସ୍ତା ଉତ୍ତର କେବିନ୍ ନିକଟରେ ଥିବା ରେଳ ଫାଟକ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ ଓ ଡାକ୍ତରଖାନା ସମସ୍ୟା ନେଇ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ବସ୍ତା ବଜାର ସମଗ୍ର ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ଓ ଏହା ବ୍ଲକ ସଦର ମହକୁମା। ଏଠାରେ ବ୍ଲକ, ତହସିଲ, ଥାନା, ହାଇସ୍କୁଲ, ରେଳଷ୍ଟେଶନ, ବିଇଓ ଅଫିସ ଓ ବିଭିନ୍ନ ବିଭାଗର କାର୍ଯ୍ୟାଳୟ ସମେତ ଏହି ରାସ୍ତା ସିଧାସଳଖ ୬୦ ନମ୍ବର ଜାତୀୟ ରାଜପଥ ଓ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଛି। ଫଳରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଏପରିକି ବହୁ ଗାଡ଼ି ମଧ୍ୟ ଏହି ରାସ୍ତା ଦେଇ ଯାଇଥାଏ। ଫଳରେ ଟ୍ରେନ ଅତିକ୍ରମ ସମୟରେ ପ୍ରାୟ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ଆହୁରି ମଧ୍ୟ ଡାକ୍ତର ଖାନା ନ ପହଞ୍ଚି ପାରି ବହୁ ରୋଗୀ ମୃତ୍ୟୁର ଶୀକାର ହୋଇଥାନ୍ତି। ତେଣୁ ଉତ୍ତର କେବିନ୍ ନିକଟରେ ଥିବା ରେଳ ଫାଟକ ଓଭରବ୍ରିଜ୍ ନିର୍ମାଣ ଆବଶ୍ୟକ ଅଛି। ସେହିପରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଏହି ଡାକ୍ତରଖାନା ଛାତରୁ କଙ୍କ୍ରିଟ୍ ଖସିବା, ବର୍ଷା ହେଲେ ଡାକ୍ତରଖାନାରେ ପାଣି ପଶିବା ଓ ଡାକ୍ତର ପଦବୀ ପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ଦାସ, ଜୟନ୍ତ କୁମାର ମହାପାତ୍ର, କଂଗ୍ରେସ ନେତା କମଳଲୋଚନ ଜେନା, ସରପଞ୍ଚ ଅମିତ୍ ବିଶ୍ୱାଳ, କରୁଣାକର ମଲିକ, କଂଗ୍ରେସ ନେତା ଜଗଦୀଶ ସାହୁ, ଜିଲା ଯୁବ କଂଗ୍ରେସ ସମ୍ପାଦକ ନିତ୍ୟାନନ୍ଦ ନାୟକ, ବିଜୟ ସାହୁ, ପ୍ରଦୀପ ବେହେରା, ବିଜୟ ବେହେରା, ନରେନ୍ଦ୍ର ଦାସ, ଅରୁଣ ମଣ୍ଡଳ, ରାଜେଶ କୁମାର ମୁଦୁଲି, ଛାତ୍ର ନେତା ଗୋପାଳ ଦାସ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ବୈତରଣୀ ସୁରକ୍ଷାକୁ ନେଇ ଚିନ୍ତା


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭାଜପା ନଦୀ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦୁଝର, ୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲାରେ ପ୍ରଭାବିତ ନଦୀନାଳ ଗୁଡ଼ିକର ସୁରକ୍ଷା ଦାବିରେ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଦଳ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୋମବାର ରାଜଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲାରେ ପ୍ରଭାବିତ ବୈତରଣୀ ନଦୀ ସମେତ ରାଜ୍ୟରେ ପ୍ରଭାବିତ ବିଭିନ୍ନ ନଦୀ ଉପନଦୀ ଆଜି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନା ପାଇଁ ପ୍ରଦୂଷିତ ଓ ଶୁଷ୍କ ହେବାକୁ ବସିଛି। ବିଭିନ୍ନ କଳ କାରଖାନା ଓ ଶିଳ୍ପ ସଂସ୍ଥା ଯେତିକି ଜଳ ନେବା ପାଇଁ ଅନୁମତି ପାଇଛନ୍ତି ତାଠାରୁ ଅଧିକ ଶୋଷି ନେଉଛନ୍ତି। କେନ୍ଦୁଝର ଜିଲାର ବୈତରଣୀ, କାରୋ, ସୋନା, ଅରଡେଇ ଆଦି ନଦୀନାଳରୁ ମିତ୍ତଲ, ବିଆପିଏଲ, ଟାଟା, ଜଗନ୍ନାଥ ଷ୍ଟିଲ, ପଞ୍ଚବଟୀ, ଆରିଆ ଷ୍ଟିଲ, ରୁଙ୍ଗଟା, ବ୍ରାଣ୍ଡ, ଏମ୍‌ଏସ୍‌ପି ଆଦି କମ୍ପାନୀ କଳକାରଖାନା ପାଇଁ ତଥା ଖଣି ସଂସ୍ଥା ପାଣି ବ୍ୟବହାର କରୁଥିବାରୁ ଶୁଷ୍କ ହେବାକୁ ବସିଛି। ସେହିପରି ଖଣି ଓ କଳକାରଖାନା ପାଇଁ ଏହି ସବୁ ନଦୀନାଳର ଜଳ ଜହର ହେଉଛି ବୋଲି ନଦୀ ସୁରକ୍ଷା ସମିତିର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି ।

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ବାରଣ ସତ୍ତ୍ୱେ ବର୍ଷା ଦିନରେ ନଦୀନାଳରୁ ବାଲି ଉଠାଇବା ଏବଂ ଏସବୁକୁ ଶାସକ ଦଳର ନେତା, ରାଜସ୍ୱ ବିଭାଗ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହି କାରବାର କରୁଥିବା ମାଫିଆଙ୍କୁ ନିୟନ୍ତ୍ରଣ କରାଯାଇପାରୁ ନ ଥିବା ସେମାନେ କହିଛନ୍ତି । ଏଣୁ ନଦୀ ଗୁଡିକ ପ୍ରଦୂଷଣ ମୁକ୍ତ କରି ରାଜ୍ୟର ବିକାଶ ଓ ଧନଜୀବନର ସୁରକ୍ଷା କରିବାକୁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ନଚେତ ନଦୀ ସୁରକ୍ଷା ସମିତି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

### ଜେଲ ଗଲେ ପୂର୍ବତନ କଲେଜ ଅଧକ୍ଷ

ଉଦଳା,୧।୮(ଡି.ଏନ.ଏ.)

ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଉଦଳା ଲୁଇପା ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷ ଆଦିକନ୍ଦ ଦେ ଜେଲ ଯାଇଛନ୍ତି। ମିଥ୍ୟା ବିଲ୍ ଦେଇ କଲେଜକୁ ଆସିଥିବା ୩୦ ଲକ୍ଷ ଟଙ୍କା ସେ ଆତ୍ମସାତ କରିବା ସହ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଅର୍ଥ, କର୍ମଚାରୀ ନିଯୁକ୍ତି, କଲେଜ ଉନ୍ନୟନ ନିମନ୍ତେ ଆସୁଥିବା ଟଙ୍କାକୁ ମଧ୍ୟ ହଡ଼ପ କରିଥିବା ନେଇ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୂର୍ବରୁ ତାଙ୍କୁ ଅଧକ୍ଷ ପଦରୁ ବହିଷ୍କାର କରାଯାଇଥିଲ। ସେ ଦୀର୍ଘଦିନ ହେବ କଲେଜ ଆସୁ ନ ଥିଲେ। ସୋମବାର ଉଦଳା କୋର୍ଟରେ ହାଜର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜମିସ୍ତ୍ରୀଙ୍କ ମୃତ୍ୟୁ

ପାଟଣା,୧।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦବଜା ଗ୍ରାମର ଜଣେ ବ୍ୟକ୍ତି ରବିବାର ବିଳମ୍ବିତ ରାତିରେ କଟକ ନୂଆ ବଜାରରେ ଥିବା ଭଡା ଘରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବାଇଦବଜା ଗ୍ରାମର ଜଗେଶ୍ୱର ମୁଣ୍ଡା।

## ସଂକ୍ଷେପରେ

### କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ

**ଚମ୍ପୁଆ, ୧।୮ (ଡି.ଏନ.ଏ): ** ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଚମ୍ପୁଆ ଅମୃତ ମହୋତ୍ସବ କମିଟି ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକ, ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଭାଗିରଥି ପୃଷ୍ଟି, ମୁଖ୍ୟବକ୍ତା ଭାବେ ଗୋପାଳ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ଭାରତୀୟ ସଂସ୍କୃତିରେ ପରିବାରର ଭୂମିକା, କ୍ରାନ୍ତିକାରୀଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀଧର ମହାନ୍ତ, ଯୋଗେନ୍ଦ୍ରନାଥ ସାହୁ, ଶ୍ରୀମନ୍ତ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ବଡସାହି, ୧।୮: ** ମୟୂରଭଞ୍ଜ ଜିଲା ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଜିତ୍ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଛାତ୍ର ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଛାତ୍ର ଅବସରପ୍ରାପ୍ତ ଅଧକ୍ଷ ଡ. ଜଗତବନ୍ଧୁ ଆଚାର୍ଯ୍ୟ, ପୁରାତନ ଶିକ୍ଷକ ମନୋରଞ୍ଜନ ବେହେରା, ରଣଜିତ୍ କୁମାର ଦାସ ଓ ବିଜୟ କୁମାର ଗୋଚ୍ଛାୟତ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରୀ ଝାଡେଶ୍ୱର ଭୂୟାଁ ଓ ସହ ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ ଯୋଗଦାନ କରିଥିଲେ। ରାଧାମଣି ବୁଗୁଡେଇ, ଅନାଦି ଚରଣ ଦାସ, ସାଧବାଣୀ ଦାସ, ରବୀନ୍ଦ୍ର ବେହେରା ପ୍ରମୁଖଙ୍କ ଟ୍ରଷ୍ଟ ତରଫରୁ ଅନୁଷ୍ଠାନର ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପୁରସ୍କାରରାଶି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମଳାକାନ୍ତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୨୨ ଅଭିଯୋଗର ହେଲା ଶୁଣାଣି

**କେନ୍ଦୁଝର, ୧।୮ (ସ୍ୱ.ପ୍ର./ଡି.ଏନ.ଏ.): ** ସୋମବାର ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୨୨ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମରୁ ୨୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧରୁ ୨୧ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା, ଗ୍ରାମ ସମସ୍ୟା ମୂଳକ ହୋଇଥିବାବେଳେ ୧୦୧ଟି ଅଭିଯୋଗ ବ୍ୟକ୍ତିଗତ ଉପରେ ପର୍ଯ୍ୟବେଶିତ ଥିଲା। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସୁଚିସ୍ମିତା ଦାଶ, ଡେପୁଟି କଲେକ୍ଟର (ନିଜାରତ) ଶିବବ୍ରତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଇସ୍‌ଲାମିକ ନବବର୍ଷ ସମାରୋହ

**ଭଦ୍ରକ ଅଫିସ, ୧।୮: ** ଇସ୍‌ଲାମ ଧର୍ମରେ ଚନ୍ଦ୍ରଗଣନାକୁ ଆଧାର କରି ଇସ୍‌ଲାମିକ(ହିଜରୀ) କ୍ୟାଲେଣ୍ଡର ଅନୁସାରେ ମହରମ ପର୍ବ ହେଉଛି ବର୍ଷର ପ୍ରଥମ ମାସ। ମହରମର ୧ ତାରିଖରୁ ମୁସଲମାନମାନଙ୍କ ନୂତନ ବର୍ଷ ଆରମ୍ଭ ହୁଏ। ୧ ତାରିଖରୁ ୧୦ ଦିନ ଯାଏ ମହରମ ପାଳନ କରାଯାଏ। ଶେଷ ମଙ୍ଗଳବାର ଦିନକୁ ୟୁମେ-ଅସୁରା କୁହାଯାଏ। ଯାହାକୁ ବିଶ୍ୱରେ ୟାଦେଁ ଏମାମ ହୋସେନ ପର୍ବ ରୂପେ ପାଳନ କରାଯାଇଥାଏ। ଏହି ପର୍ବ ୧୪୪୪ ହିଜରୀ ବର୍ଷ ରୂପେ ଭଦ୍ରକ ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦଠାରେ ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଇସ୍‌ଲାମିକ ନବବର୍ଷ ପାଳନ ଅବସରରେ ଏହି ପର୍ବରେ ମିଲାଦ ସରିଫ ଏବଂ ଜାମା ମସ୍‌ଜିଦ୍‌ର ଏମାମ ମହମ୍ମଦ ସାଦିକ୍ ହୋସେନ ମହରମ ପର୍ବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ କଲିମୁଦ୍ଦିନ ଖାନ, ଉପସଭାପତି ଶେଖ୍ ଅନୱାର, ମୀନହାଜ କାଦରୀ, ଅହେସାନେ ଖାନ, ଗୋଲାମ ମୋହିଉଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳଲାଗି ପାଇଁ ଆଶାବାଡ଼ିରେ ୪୦ କି.ମି. ଚାଲିଲେ

**ଆରଡ଼ି, ୧।୮ (ଡି.ଏନ.ଏ.)**


କାଉଡ଼ିଆ ସୁଦର୍ଶନ ଜେନା ଜଳଲାଗି କରିବାକୁ ଆଖଣ୍ଡଳମଣି ମନ୍ଦିରକୁ ଯାଉଛନ୍ତି।

ଦୁଇ ବାହୁ ତଳେ ଦୁଇଟି ଆଶାବାଡ଼ି। କାନ୍ଧରେ ଝୁଲୁଛି ଗାମୁଛାରେ ବନ୍ଧା ଦୁଇଟି ଜଳଭରା କଳସ। ମୁଖରେ ବୋଲ୍‌ବମ୍ ସହ ଓଁ ନମଃ ଶିବାୟ ଧ୍ୱନି। ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର ଜଳଲାଗି କରିବା ପାଇଁ ଜଣେ କାଉଡ଼ିଆ ଆଶାବାଡ଼ି ଧରି ୪୦ କି.ମି. ଚାଲି ଚାଲି ଆସିଥିଲେ। ଶନିବାର ଯାଜପୁରର ଦଶାଶ୍ୱମେଧ ଘାଟରେ ବୈତରଣୀ ନଦୀରୁ ଜଳ ଉଠାଇ ଆରଡ଼ି ପୀଠକୁ ଯାତ୍ରା କରିଥିଲେ। ସାଥୀରେ କେହି ନ ଥିଲେ। କେବଳ ୨ ଆଶାବାଡ଼ି ତାଙ୍କର ସାହା ଭରସା। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ସୁଦର୍ଶନ ଜେନା। ଘର କଟକ ଜୋବ୍ରାସ୍ଥିତ ମଝିସାହିରେ। ସେ ୮ ବର୍ଷ ହେଲା ଆରଡ଼ି ପୀଠକୁ ଆସି ଶ୍ରାବଣୀ ମହାଦେବଙ୍କ ମସ୍ତକରେ ଜଳଲାଗି କରୁଥିଲେ। ଦୁଇବର୍ଷ ତଳେ ଦୁର୍ଘଟଣାରେ ତାଙ୍କର ୨ଟି ଗୋଡ଼ ଅକାମି ହୋଇଯାଇଛି। ସେ ଆଶାବାଡ଼ି ସାହାଯ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବାବା ଆଖଣ୍ଡଳମଣିଙ୍କ କୃପାରୁ ଦୁର୍ଘଟଣାରେ ସେ ବଞ୍ଚି ଯାଇଥିବାରୁ ସାରା ଜୀବନ ଶ୍ରାବଣ ମାସରେ ଏହି ପୀଠକୁ ଆସି ଜଳଲାଗି କରିବେ ବୋଲି କହିଛନ୍ତି। ସୁଦର୍ଶନଙ୍କ ଭକ୍ତି, ନିଷ୍ଠା, ଏକାଗ୍ରତା ଓ ଦୃଢ଼ ମନୋବଳ ଯୋଗୁ ସେ ୪୦ କି.ମି. ବାଟ ଅତିକ୍ରମ କରି ପୀଠରେ ପହଞ୍ଚି ଜଳଲାଗି କରିପାରିଛନ୍ତି।

# ଭିତରକନିକା ଯିବାକୁ ଏଣ୍ଟ୍ରି ପଏଣ୍ଟ


ଏଣ୍ଟ୍ରି ପଏଣ୍ଟ ଉଦ୍‌ଘାଟନ କରାଯାଉଛି।

**ଚାନ୍ଦବାଲି, ୧।୮ (ଡି.ଏନ.ଏ.)**

ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ଚାନ୍ଦବାଲିରୁ ଭିତରକନିକା ଯାତ୍ରା ପାଇଁ ଏଣ୍ଟ୍ରି ପଏଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ଏସିଏଫ୍ ଶ୍ୟାମା ଭାରତୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟରେ ଉନ୍ନତିମୂଳକ କାର୍ଯ୍ୟ ପରେ ପର୍ଯ୍ୟଟକମାନେ ସୁବିଧାରେ ଏଠାରୁ ଭିତରକନିକା ଯାତ୍ରା ପାଇଁ ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏଥିସହ ଚାନ୍ଦବାଲିରୁ ନଦୀରେ ୧୭ କି.ମି. ଜଳଯାତ୍ରା କରି ପର୍ଯ୍ୟଟକମାନେ ସୋମବାରଠାରୁ ଭିତରକନିକା ଯାଇପାରିବେ। ଏହି ଏଣ୍ଟ୍ରି ପଏଣ୍ଟରୁ ଭିତରକନିକା ଜଳଯାତ୍ରା ସେବାକୁ ଏସିଏଫ୍ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ପର୍ଯ୍ୟଟକମାନଙ୍କର ଜଳଯାତ୍ରା ସୁବିଧା ହେବା ସହ ଚାନ୍ଦବାଲିରୁ ଭିତରକନିକା ଯାତ୍ରା ସୁଗମ ହେବ ବୋଲି ଏସିଏଫ୍ କହିଛନ୍ତି।

# ଜେଏସ୍‌ପିଏଲ୍ ପକ୍ଷରୁ ଏସ୍‌ଏଚ୍‌ଜିଙ୍କ ପାଇଁ ଦକ୍ଷତା ବିକାଶ

**ଯୋଡା, ୧।୮ (ଡି.ଏନ.ଏ.)**

ସମାଜର ସାମଗ୍ରୀକ ବିକାଶ ପାଇଁ ମହିଳା ସଶକ୍ତିକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଉକ୍ତିକୁ ଆଧାର କରି, ଜେଏସପିଏଲ ଫାଉଣ୍ଡେସନ ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ଏସ୍‌ଏଚଜି ମହିଳାଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରାଯାଇଥିଲା। ଗ୍ରାମାଞ୍ଚଳର ମହିଳାଙ୍କ ମଧରେ ଉଦ୍ୟୋଗୀ ଭାବନା ସୃଷ୍ଟି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉକ୍ତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଭଦ୍ରାସାହି ଏବଂ ସେରେଣ୍ଡା ପଞ୍ଚାୟତର ୧୨୫ରୁ ଅଧିକ ଏସ୍‌ଏଚ୍‌ଜି ମହିଳା ନେତ୍ରୀ ସାମାଜିକ ପରିବର୍ତ୍ତନରେ ମହିଳାଙ୍କ ଭୂମିକା ବିଷୟବସ୍ତୁକୁ ନେଇ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହିଳା ଅଂଶଗ୍ରହଣକାରୀଙ୍କୁ ଏସ୍‌ଏଚ୍‌ଜି ପରିଚାଳନା, କ୍ଷୁଦ୍ର ବ୍ୟବସାୟ ବିକାଶ, ବିକ୍ରୟ ଏବଂ ମାର୍କେଟିଂ ଦକ୍ଷତା ଏବଂ ଡିଜିଟାଲ ପେମେଣ୍ଟ ସିଷ୍ଟମ ଉପରେ ତାଲିମ ଦିଆଯାଇଥିଲା।

ଯୋଡା ବ୍ଲକର ପ୍ରୋଗ୍ରାମ ମ୍ୟାନେଜର (ଓଡିଶା ଜୀବିକା ମିଶନ), ଦିବାକର ମାଝି, ଏସ୍‌ଏଚ୍‌ଜି ନେତାମାନଙ୍କୁ ସରକାରଙ୍କର ବିଭିନ୍ନ ସାମାଜିକ ଓ ଅର୍ଥନୀତିକ କଲ୍ୟାଣ ଭିତ୍ତିକ ଯୋଜନା ଏବଂ ଏହି ସବୁ ଯୋଜନାର ଲାଭ ପାଇବା ପାଇଁ ଥିବା ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଡିଜିଏମ ଏବଂ ଜେଏସ୍‌ପିଏଲ୍ ବଡ଼ବିଲର ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା ଯୋଗଦେଇ ଦକ୍ଷତା ବିକାଶ କର୍ମଶାଳାର ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଡ. ତୁଲସୀ ମୁଣ୍ଡା ଏବଂ ସେରେଣ୍ଡା ସରପଞ୍ଚ ଇଂ ଡେଜି ସିଦ୍ଧୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ, ପିଏସ ସଦସ୍ୟ ତଥା ଅନ୍ୟ ଗ୍ରାମ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଜେଏସ୍‌ପିଏଲ୍‌ର ସିଏସଆର ଅଧିକାରୀ ଯଦୁମଣୀ ମହାନ୍ତ, ବିକାଶ ଲାଗୁରୀ ଏବଂ ରାଜୀବ ଉପାଧାୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭାଜପା ଗ୍ରାମୀଣ ମଣ୍ଡଳ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଧାମନଗର, ୧।୮ (ଡି.ଏନ.ଏ.)**

ଭାଜପା ଧାମନଗର ଗ୍ରାମୀଣ ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରାଧାବଲ୍ଲଭପୁର ପଞ୍ଚାୟତ ଗଣେଶ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦୀପ୍ତିରଞ୍ଜନ ଜେନା ଏଥିରେ ଅଧକ୍ଷତା କରିଥିଲେ। ଜିଲା ମିଡିଆ ସେଲ୍‌ର ସଂଯୋଜକ ବୈକୁଣ୍ଠ ନାଥ ସାହୁ, ସରପଞ୍ଚ ପ୍ରୀତମ କୁମାର ଦାସ, ରାଜୀବ ଲୋଚନ ଦାସ, ଯୁବନେତା ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ରାଜନୈତିକ ଚିଠା ପ୍ରସ୍ତାବ ଆଗତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ପ୍ରସ୍ତାବ ମଧ ପାରିତ ହୋଇଥିଲା। ଦେଶ ସ୍ୱାଧୀନତାର ୭୫ବର୍ଷକୁ ସବୁଆଡ଼େ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସମସ୍ତଙ୍କ ଘରେ ତିନିଦିନ ଧରି ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଓ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଆଇଟି ସେଲ୍‌ର ଭଦ୍ରକ ସଂସଦୀୟ କ୍ଷେତ୍ର ସଂଯୋଜକ ପ୍ରଶାନ୍ତ କୁମାର ନାୟକ, ସୁବ୍ରତ ମଲ୍ଲିକ, ସନ୍ତୋଷ ବାରିକ, ମହେଶ୍ୱର ସ୍ୱାଇଁ, ଅନନ୍ତ ବେହେରା, ପ୍ରତିମା ଦାସ, ବିଜୟଲକ୍ଷ୍ମୀ ବେହେରା, ବିଷ୍ଣୁ ବେହେରା ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି।

**ବାହାନଗା, ୧।୮ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଟ୍ୟୁଟୋରିଆଲ ପକ୍ଷରୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଏହି ଟ୍ୟୁଟୋରିଆଲର ୧୧୧ ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଦେଇ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସେଥିମଧ୍ୟରୁ ବିଜ୍ଞାନରେ ୬୩ ଓ ବାଣିଜ୍ୟରେ ୪୮ଜଣ ଛାତ୍ରୀଛାତ୍ର ପାଶ୍ କରିଛନ୍ତି। ବିଜ୍ଞାନରେ ୬୨ଜଣ ଓ ବାଣିଜ୍ୟରେ ୪୪ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଆଶିଷ କୁମାର ପାଣିଗ୍ରାହୀ ସର୍ବାଧିକ ୫୩୧ ନମ୍ବର ରଖିଥିବା ବେଳେ ଦେବସ୍ମିତା ମହାପାତ୍ର ୫୧୦ରଖି ଉଭୟ ଗୋପାଳପୁର ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିପାରିଛନ୍ତି। ସେହିପରି ବାଣିଜ୍ୟରେ ରାଜେନ୍ଦ୍ର ନାୟକ ୪୮୭ ନମ୍ବର ରଖିଛନ୍ତି। ଉଭୟ ଛାତ୍ରୀଛାତ୍ର ଶକୁନ୍ତଳା ଟ୍ୟୁଟୋରିଆଲରେ ପାଠ ପଢି ଏଭଳି ଅଧିକ ନମ୍ବର ରଖିଥିବାରୁ ସଂସ୍ଥା ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋପାଳପୁରସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ସଞ୍ଜୟ କୁମାର ଦାଶ। ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଅଶ୍ୱନୀ କୁମାର ମହାପାତ୍ର, ମୁଖ୍ୟବକ୍ତା ଗୋପାଳପୁର ସମିତି ସଭ୍ୟ ଯୋଗେଶ ଚନ୍ଦ୍ର ପତି ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପୀତାମ୍ବର ଖିଲାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଚେୟାରମ୍ୟାନ ସୁକାନ୍ତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ରାଇରଙ୍ଗପୁର, ୧।୮ (ଡି.ଏନ.ଏ.)**

ଚୁଡ଼ା, ମୁଢି, ଗୁଡ଼ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ କେନ୍ଦ୍ର ସରକାର ଲଗାଇଥିବା ଜିଏସ୍‌ଟି ଟିକସ ପ୍ରତ୍ୟାହାର ଦାବି ନେଇ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଂଗ୍ରେସ ଦଳ ପକ୍ଷରୁ ସୋମବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି।

ନଗର କଂଗ୍ରେସ କମିଟି ଅଧକ୍ଷ ଅଶୋକ ଅଗ୍ରୱାଲ ଏବଂ ଓକିଲ ସଂଘର ସମ୍ପାଦକ ହରିଚରଣ ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଜହରି ମହାନ୍ତ, ଅନନ୍ତ ମାରାଣ୍ଡି, ବିଶ୍ୱନାଥ ଦାସ, ଭାଗିରଥୀ ପାତ୍ର, ସେକ ଜାବିର, କିଶୋର ଦାସ, କାମେଶ୍ୱରୀ ସୋରେନ ଏବଂ ରୂପକ ମହାନ୍ତିଙ୍କ ସମେତ ଦଳୀୟ କର୍ମୀଗଣ ସାମିଲ ଥିଲେ।

# କୃଷି ଅଧିକାରୀଙ୍କୁ ଘେରିଲେ ମହିଳା

**ସିମୁଳିଆ, ୧।୮ (ଡି.ଏନ.ଏ.)**


ସିମୁଳିଆ କୃଷି କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୦୦ବସ୍ତା ଗ୍ରୋମର ସାର ଜବତକୁ କେନ୍ଦ୍ର କରି ସୋମବାର ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ ମହିଳା ସିମୁଳିଆ କୃଷି ବିଭାଗ ଫାଟକ ସମ୍ମୁଖରେ ଧାରଣା ଦେବା ସହିତ ଚାଷ କାମ ପାଇଁ ୧୦୦ବସ୍ତା ଗ୍ରୋମର ସାର ଯୋଗାଇ ଦେବାକୁ ଦାବି କରିଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ସାର ସମସ୍ୟାର ସମାଧାନ ହୋଇପାରିନାହିଁ । ସାର ନ ମିଳିବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ମହିଳାମାନେ ସୂଚନା ଦେଇଛନ୍ତି । ଅପରପକ୍ଷେ କୃଷି ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏହାର ତଦନ୍ତର ଦାୟିତ୍ୱ ନେଇଥିବାରୁ ତଳସ୍ତରରେ କୌଣସି ସିଦ୍ଧାନ୍ତ ନିଆଯାଇପାରିବ ନାହିଁ ବୋଲି କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୨୨।୭।୨୨ରାତିରେ ମୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶହେ ବସ୍ତା ଗ୍ରୋମର ସାର ରଖାଯିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ପଞ୍ଚାୟତର ଏକ ପୁରୁଣା କୋଠରିକୁ ଗତ ବର୍ଷରୁ ସ୍ଥାନୀୟ ରାଉତପଡା ଅଞ୍ଚଳର ଶଶିକାନ୍ତ ମଲିକ ମାସିକ ୨ଶହ ଟଙ୍କାରେ ଆସନ୍ତା ୫ବର୍ଷ ପାଇଁ ଭଡାରେ ନେଇ ସାରବସ୍ତାଗୁଡିକୁ ରଖାଯାଇଥିଲା। ଗତ ରବିବାର ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରାତିରେ ପୋଲିସ, ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝି ଓ କୃଷି ଅଧିକାରୀ ସ୍ଥିତପ୍ରଜ୍ଞ ଖମାରୀ ପହଞ୍ଚି ଶଶିକାନ୍ତଙ୍କୁ ଡକାଇଥିଲେ। ତେବେ ଶଶିକାନ୍ତ ନ ଆସିବାରୁ ତାଲା ଭଙ୍ଗାଯାଇଥିଲା।

# ବିଭିନ୍ନ ସମସ୍ୟା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

**ଯୋଡ଼ା, ୧।୮ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ଲିମିଟେଡ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦେଇଥିବା ଜଣାପଡିଛି। ସୋମବାର ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଲ ମୁଣ୍ଡା, ପୂର୍ବତନ ସମିତି ସଭ୍ୟ ତଥା ବିଜେଡି ଯୋଡ଼ା ବ୍ଲକ ଛାତ୍ର ସଭାପତି ଯୁଧିଷ୍ଠିର ପଲେଇ, ବିରିକଳା ସରପଞ୍ଚ ମୁଖି ନାଏକ ଏବଂ ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କ ନେତୃତ୍ୱରେ ଏହି ଦାବିପତ୍ର କମ୍ପାନୀର ଜେନେରାଲ ମ୍ୟାନେଜରଙ୍କୁ ଦିଆଯାଇଛି। ଏହି ଦାବିପତ୍ରରେ ପଞ୍ଚାୟତବାସୀଙ୍କ ବିଭିନ୍ନ ମୁଖ୍ୟ ସମସ୍ୟା ନେଇ ଉଲ୍ଲେଖ କରାଯାଇଛି। ସେଗୁଡିକ ହେଲା ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯିବା, ୨୮ନଂ ଜୋନର ବିଭିନ୍ନ ଅଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବା, ପରିବହନ କ୍ଷେତ୍ରରେ ସଡ଼କ ପଥରେ ପରିବହନ କଲେ ସ୍ଥାନୀୟ ଅଞ୍ଚଳର ଟ୍ରକ୍ ମାଲିକ କିଛିକାଂଶରେ ରୋଜଗାରକ୍ଷମ ହେବା ସହିତ ଅଞ୍ଚଳରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ବେକାରୀ ସମସ୍ୟା ଦୂର ହୋଇପାରନ୍ତା ବୋଲି ଦାବି କରାଯାଇଛି। ଏହାକୁ ଆଞ୍ଚଳିକ ଟ୍ରକ ମାଲିକ ସଂଘ ସଭାପତି ଅର୍ଜୁନ ମୁଣ୍ଡା, ସହ ସମ୍ପାଦକ ମନବୋଧ ଓରାମଙ୍କ ସମେତ ଶତାଧିକ ଜନ ସାଧାରଣ ଓ ଟ୍ରକ୍ ମାଲିକ ସମର୍ଥନ ଜଣାଇଛନ୍ତି।

# ଏସ୍‌ଟି କମିଶନ ସଦସ୍ୟଙ୍କୁ ପୁଣି ଘେରିଲେ ଆଦିବାସୀ

**କେନ୍ଦୁଝର, ୧।୮ (ସ୍ୱ.ପ୍ର.)**

ଜାତୀୟ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାୟକଙ୍କୁ ସୋମବାର କାଞ୍ଜିପାଣି ଥାନାଠାରୁ ଅନତିଦୂରରେ ଆଦିବାସୀ ମହିଳାମାନେ ଘେରାଉ କରିଥିଲେ। ଆଦିବାସୀଙ୍କ କୌଣସି କାମ ହେଉନାହିଁ। ଏଣୁ କୁଆଡ଼େ ଆସିଛନ୍ତି ବୋଲି କହି ତାଙ୍କୁ ପୁଣି ଘେରାଉ କରିଥିଲେ। ଫଳରେ କିଛି ସମୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତ ଶୁକ୍ରବାର ମଧ ତାଙ୍କୁ ଏଭଳି ଘେରାଉ କରାଯାଇଥିଲା। ଥାନା ନିକଟରେ ଏଭଳି କମିଶନଙ୍କ ସଦସ୍ୟଙ୍କୁ ଘେରାଉ ସମସ୍ତଙ୍କୁ ଚକିତ କରିଛି। ଏହା ସତ୍ତ୍ୱେ ଜାତୀୟ ଏସ୍‌ଟି କମିଶନ ସଦସ୍ୟ ନାୟକଙ୍କୁ କୌଣସି ସୁରକ୍ଷା ବ୍ୟବସ୍ଥା ଦିଆଯାଉ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କେବଳ ଏସକର୍ଟ ବ୍ୟତୀତ କୌଣସି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇନାହିଁ। ସେ ଏକ ପରିବାରର ସମସ୍ୟା ବୁଝିବାକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଥିଲା। ତେବେ ଲୋକମାନେ ବୁଝିନାହାନ୍ତି ଯେ, ଆଦିବାସୀଙ୍କ ସୁରକ୍ଷା ପାଇଁ ଥିବା କମିଶନଙ୍କ କାମ କ'ଣ। କିଛି ନ ବୁଝିଶୁଝି ସେମାନେ ଏହି ବିରୋଧ କରିଛନ୍ତି। ଏହା ପଛରେ ନିଶ୍ଚିତ ଭାବେ କୌଣସି ଦଳୀୟ ବା ଅନ୍ୟ କୌଣସି ଅଭିସନ୍ଧି ରହିଛି। ଏହାକୁ ସେ ଭୟ କରୁନାହାନ୍ତି, ବରଂ ନିଜର କର୍ତ୍ତବ୍ୟ ପାଇଁ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି ବୋଲି କହିଛନ୍ତି। ଆଦିବାସୀଙ୍କ ନ୍ୟାୟ, ସମସ୍ୟା ଆଦି ଉପରେ ଅଭିଯୋଗ କ୍ରମେ ଗସ୍ତ କରି କମିଶନ ଦେଖି ସମସ୍ୟା ସମାଧାନ ପାଇଁ ସରକାରଙ୍କୁ ସୂଚିତ କରିଥାନ୍ତି। ପ୍ରକାଶ ଯେ, ୬ ମାସ ତଳେ ଉକ୍ତ ଅଞ୍ଚଳର ଏକ ଆଦିବାସୀ ପରିବାର ଘରର ମୁରବୀଙ୍କୁ ହରାଇ ଅଭାବ ଅନଟନରେ ରହୁଥିଲେ ହେଁ ସରକାରଙ୍କ ଯୋଜନାର ସୁଫଳ ପାଇପାରୁ ନ ଥିଲେ। ଏ ନେଇ ଅଭିଯୋଗ ମିଳିବା ପରେ ସ୍ଥାନୀୟ ବ୍ଲକ ପ୍ରଶାସନକୁ ସହାୟତା ଦେବାକୁ ଏସ୍‌ଟି କମିଶନ ସଦସ୍ୟ ଅନୁମୋଦନ କରିଥିଲେ। ତେବେ ୬ ମାସ ପରେ ମଧ ସହାୟତା ମିଳିନାହିଁ। ଏଣୁ ସେ ନିଜେ ଗସ୍ତ କରି ଦେଖିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଥିଲା ବୋଲି ସେ କହିଛନ୍ତି।

# ଆସିଲେନି ପୋଲିସ ଫୋର୍ସ: ସ୍ଥଗିତ ରହିଲା ଖଇରା ବଜାର ଭଙ୍ଗା

**ଖଇରା, ୧।୮ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରର ତୋରାଣିପଦା ଛକଠାରୁ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ ନୋଟିସ ଦେଇଥିଲା। କରୋନା ପରେ ଆର୍ଥିକ ଅନଟନରୁ ମୁକୁଳିବାକୁ ଜୀବିକା କରି ଚଳୁଥିବା ବହୁ ବ୍ୟବସାୟୀ ନିଜର ଦୋକାନ ଆଜବେଷ୍ଟସ ଓ ପାଲ ଖୋଲି ନେଇଥିଲେ। ଦୋକାନୀମାନେ ଏକ ଖବରଦାତା ସମ୍ମିଳନୀ ଡାକି ଏଭଳି ଉଚ୍ଛେଦକୁ ବିରୋଧ କରି ଏହା ବନ୍ଦ କରିବାକୁ ଦାବି କରିଥିଲେ। ସୋମବାର ଭାଙ୍ଗିବା ପାଇଁ ପ୍ରଥମେ ୩ଦିନ ତଳେ ମାଇକରେ ପ୍ରଚାର କରାଯିବା ପରେ ୧୪୪ ଧାରା ଲାଗୁ ନେଇ ରବିବାର ରାତି ଏବଂ ସୋମବାର ପ୍ରତ୍ୟୁଷରେ ମାଇକ ପ୍ରଚାର କରାଯାଇଥିଲା। ହେଲେ ସକାଳ ସୁଦ୍ଧା ପୋଲିସ ଫୋର୍ସ ନ ପହଞ୍ଚିବାରୁ ଭଙ୍ଗା ସ୍ଥଗିତ ରହିଥିବା କୁହାଯାଇଛି।


ଉଚ୍ଛେଦ ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର ପରେ ଦୋକାନୀମାନେ ନିଜ ଦୋକାନକୁ ଭାଙ୍ଗୁଛନ୍ତି।

ଏପରିସ୍ଥଳେ ମଙ୍ଗଳବାର ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଖବରଦାତା ସମ୍ମିଳନୀ ଡାକିବାକୁ ନେଇ ଆଲୋଚନା ସରଗରମ ହୋଇପଡିଛି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଆଇଆଇସି ଗଣେଶ୍ୱର ପ୍ରଧାନଙ୍କୁ ପଚାରିବାରେ ବିଭିନ୍ନ ଶୈବପୀଠରେ ଜଳଲାଗି କାର୍ଯ୍ୟକ୍ରମରେ ପୋଲିସ ମୁତୟନ ଯୋଗୁ ପୋଲିସ ଫୋର୍ସ ଆସି ପାରିନାହାନ୍ତି । ପୋଲିସ ଫୋର୍ସ ଆସିଲେ ଉଚ୍ଛେଦ କରାଯିବ ବୋଲି କହିଛନ୍ତି । ସେପଟେ ବିଶିଷ୍ଟ କଂଗ୍ରେସ ନେତା ତଥା ଭଦ୍ରକର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ପ୍ରଶାସନର ଏଭଳି ବଜାରଭଙ୍ଗା ନିଷ୍ପତ୍ତିକୁ ଦୃଢ ବିରୋଧ କରିଛନ୍ତି। ପ୍ରଶାସନର କୌଣସି ବିଧିବଦ୍ଧ ପ୍ଲାନ ପ୍ରୋଗ୍ରାମ ନ ଥାଇ ତରବରିଆ ଭାବେ ପ୍ରଥମେ ଭାଙ୍ଗିବା ପୁଣି ସ୍ଥଗିତ ନିଷ୍ପତ୍ତିରେ ଛୋଟବଡ ଦୋକାନୀ ଛଟପଟ ହେଉଛନ୍ତି ବୋଲି କହିଛନ୍ତି । କେବଳ ଜଳ ନିଷ୍କାସନ ପାଇଁ ଯେତିକି ଆବଶ୍ୟକ ସେତିକି ଉଚ୍ଛେଦ କରିବାକୁ ଖଇରାର ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି।

